# ସୁବର୍ଣ୍ଣପୁର ପୌରପରିଷଦ କାର୍ଯ୍ୟାଳୟ ସୁବର୍ଣ୍ଣପୁର

ନୋଟିସ୍ ନଂ 5730 / ତା. 27-12-2021

## ସର୍ବସାଧାରଣ ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌର ପରିଷଦ ଅଧୀନସ୍ଥ **ସ୍ଲାଟ ପାର୍କ** ଭିତରେ ନିର୍ମାଣ କରାଯାଇଥିବା କ୍ୟାଣ୍ଟିନକୁ ଲିଜ ସୂତ୍ରରେ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଯେଉଁମାନେ ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ସେମାନେ ଆସନ୍ତା **ତା.୦୪.୦୧.୨୦୨୨ ଅପରାହ୍ନ ୩.୦୦ଘ** ସୁଦ୍ଧା ସୁଦ ଲଫାପାରେ ଟେଣ୍ଡର ପକାଇପାରିବେ । ଟେଣ୍ଡର ରେ ଭାଗ ନେବା ବ୍ୟକ୍ତି କାର୍ଯ୍ୟାଳୟରୁ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ବନ୍ଧିୟ ତଥ୍ୟ **ଟ.୧୦୦୦/-ଙ୍କା** ଦାଖଲ କରି **ତା.୦୪.୦୧.୨୦୨୨ ଦିବା ଘ.୧.୦୦** ପର୍ଯ୍ୟନ୍ତ ପାଇପାରିବେ । ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ନିର୍ଦ୍ଧାରିତ ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଆକରରେ Executive Officer, Sonepur Municipality ଙ୍କ ନାମରେ ଟେଣ୍ଡର ପେପର ସହିତ ଟେଣ୍ଡର ବାକ୍ସରେ ସୁଦ ଲଫାପାରେ ପକାଇବାକୁ ଜଣାଇ ଦିଆଗଲା । ପ୍ରକାଶଥାଉକି ସୁଦ ଟେଣ୍ଡର ଧାର୍ଯ୍ୟ ମୂଲ୍ୟ ଉପରେ କରାଯିବ । ଟେଣ୍ଡର ଆସନ୍ତା **ତା.୦୪.୦୧.୨୦୨୨ ଅପରାହ୍ନ ଘ.୪.୦୦** ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡର କାରୀ ଯେକୌଣସି ଟେଣ୍ଡର ର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି । କର୍ତ୍ତୃପକ୍ଷ ଇଚ୍ଛାକଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ । ଯେଉଁ ବ୍ୟକ୍ତି ଟେଣ୍ଡର ପାଇବେ ସେ ପରିଷଦର ନିର୍ଦ୍ଦେଶ ଅନୁଯାୟୀ ତଥା ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସଂପତ୍ତି ପରିଚାଳନା କରିବେ । ଟେଣ୍ଡର ପାଇଥିବା ବ୍ୟକ୍ତି ୭ଦିନ ମଧ୍ୟରେ ଧାର୍ଯ୍ୟ ମୂଲ୍ୟ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଜମା କରିବେ । କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ କ୍ୟାଣ୍ଟିନ ପରିଚାଳନା ନକଲେ ଟେଣ୍ଡର ରଦ୍ଦ କରାଯିବା ସଂଗେ ସଂଗେ ଦାଖଲ କରାଯାଇଥିବା ସମସ୍ତ ଟଙ୍କା ବ୍ୟାଜାପ୍ତି କରାଯିବ । ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

| କ୍ର.ନଂ | ସମ୍ପତ୍ତିର ନାମ | ମାସିକ ଭଡା | ଟେଣ୍ଡର ର କାର୍ଯ୍ୟକାଳ | ଧାର୍ଯ୍ୟ ମୂଲ୍ୟ | ଅମାନତ ଟଙ୍କା |
|---|---|---|---|---|---|
| ୧ | **ସ୍ଲାଟ ପାର୍କର କ୍ୟାଣ୍ଟିନ ପରିଚାଳନା** | ୨୦୦୦/- | **ଆଦେଶ ପାଇବା ଦିନ ଠାରୁ ୧ବର୍ଷ ପର୍ଯ୍ୟନ୍ତ** | ୨,୦୦,୦୦୦/- | ୬୦,୦୦୦/- |

ନିର୍ବାହୀ ଅଧିକାରୀ, 27/12/21
ସୁବର୍ଣ୍ଣପୁର ପୌର ପରିଷଦ

ପତ୍ରାଙ୍କ 5731 ତାରିଖ 27-12-2021

ଏହାର ଏକକିତା ଅବିକଲ ନକଲ ଯୁଗ୍ମ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର ଓଡିଶା ଙ୍କୁ ଦୁଇ ଗୋଟି ସମ୍ବାଦପତ୍ରରେ (ସମ୍ବଲପୁର ପ୍ରକାଶନ) ଆସନ୍ତା କାଲି ଗୋଟିଏ ଦିନ ପାଇଁ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ, 27/12/21
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ 5732 ତାରିଖ 27-12-2021

ଏହାର ଏକକିତା ଅବିକଲ ନକଲ ଜିଲ୍ଲାପାଳ, ସୋନପୁର/ ପ୍ରକଳ୍ପ ନିର୍ଦ୍ଦେଶକ,DUDA ସୋନପୁର/ ଉପ-ଜିଲ୍ଲାପାଳ, ସୋନପୁର/ ତହସିଲଦାର, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ଅବିକଲ ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ କରାଗଲା ।

ନିର୍ବାହୀ ଅଧିକାରୀ, 27/12/21
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ 5733 ତାରିଖ 27-12-2021

ଏହାର ଏକକିତା ଅବିକଲ ନକଲ D.I.O (NIC) ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହାକୁ ଜିଲ୍ଲା Web-site ରେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ, 27/12/21
ସୁବର୍ଣ୍ଣପୁର ପୌର ପରିଷଦ

# ଟେଣ୍ଡରର ସର୍ତ୍ତାବଳୀ

ଇଉମୁଦ ଟେଣ୍ଡରରେ ଭାଗନେବା ବ୍ୟକ୍ତି ନିର୍ଦ୍ଧାରୀତ ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ପୌର ପରିଷଦ, କାର୍ଯ୍ୟାଳୟଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଜମା ଦେଇ ଟେଣ୍ଡର ପେପର ସହିତ ନିର୍ଦ୍ଧାରୀତ ଟେଣ୍ଡର ବାକ୍ସରେ ମୁଦ ଲଫାପାରେ ପକାଇବେ। ଯାହାଙ୍କର ଟେଣ୍ଡର ଗ୍ରହଣୀୟ ହେବନାହିଁ ତାଙ୍କ ଅମାନତ ଅର୍ଥ ଫେରସ୍ତ ଦିଆଯିବ।

୧. ଟେଣ୍ଡର ଫର୍ଦ୍ଦ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ଵାରା ଅନୁମୋଦନ ହେବା ପରେ ଟେଣ୍ଡରଧାରୀ ନୋଟିସ୍ ପାଇବାର ୭ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ପରିଷଦ ସହିତ ଚୁକ୍ତି ସମ୍ପାଦନ କରିବା ସଂଗେ ସଂଗେ କାର୍ଯ୍ୟାଳୟ ରେ ଏକ କାଳିନ ନିଲାମ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ପରିଷଦରେ ଦାଖଲକରିବେ । ଅନ୍ୟଥା ପଇଠ କରିଥିବା ଅମାନତ ରାଶି ବ୍ୟାଜାପ୍ତି କରାଯାଇ ପାରିବ । ଟେଣ୍ଡର ଦାତାଙ୍କ ନିଲାମ ରାଶି ବିବେଚନାକୁ ନିଆଯିବ । ତାପରେ ସମ୍ପତ୍ତି ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯିବ।

୨. ଦୈବୀ ଦୁର୍ବିପାକ କିମ୍ବା ଅନ୍ୟ ଯେକୌଣସି କାରଣରୁ ଟେଣ୍ଡରଧାରୀ ଯଦି କ୍ଷତି ସହନ୍ତି, ତେବେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ କିମ୍ବା ଟେଣ୍ଡରଧାରୀ କିଛି ଦାବି କରିପାରିବେ ନାହିଁ। ଏଥିପାଇଁ କୌଣସି ରିହାତି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

୩. ଟେଣ୍ଡରଧାରୀ ପରିଷଦର ନିର୍ଦ୍ଦେଶ ପ୍ରକାରେ ତଥା ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସମ୍ପତ୍ତି ପରିଚାଳନା କରିବେ। କୌଣସି ସର୍ତ୍ତଖିଲାପ କଲେ କିମ୍ବା ନିୟମାନୁଯାୟୀ କ୍ୟାଣ୍ଟିନ ପରିଚାଳନା ନକରିଲେ ଟେଣ୍ଡର ରଦ୍ଦ କରାଯିବା ସଂଗେ ସଂଗେ ଦାଖଲ କରାଯାଇଥିବା ସମସ୍ତ ଟଙ୍କା ବ୍ୟାଜାପ୍ତି କରାଯିବ। ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୪. ତା.୨୮.୧୨.୨୦୨୧ ଠାରୁ ତା.୦୫.୦୧.୨୦୨୨ ଦିବା ଘ.୧.୦୦ ପର୍ଯ୍ୟନ୍ତ ଯେକୌଣସି କାର୍ଯ୍ୟ ଦିବସରେ ପରିଷଦ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମ ଟ.୧୦୦୦/-ଙ୍କା ଦାଖଲକରି ପାଇପାରିବେ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ବୁଝିପାରିବେ । ଫର୍ମ ଦାଖଲର ଶେଷ ତାରିଖ ତା.୦୫.୦୧.୨୦୨୨ ଅପରାହ୍ନ ଘ.୩.୦୦.

୫. ଟେଣ୍ଡରକାରୀ ଯେକୌଣସି ଟେଣ୍ଡରର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ ନିମନ୍ତେ ବାଧ୍ୟ ନୁହନ୍ତି । ସେ ଇଚ୍ଛା କଲେ ବିନା ନୋଟିସରେ କୌଣସି କାରଣ ନଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ ।

୬. ତା.୦୫.୦୧.୨୦୨୨ ଅପରାହ୍ନ ଘ.୪.୦୦.ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ପୌର ପରିଷଦ କାର୍ଯ୍ୟାଳୟରେ ଟେଣ୍ଡର ଖୋଲାଯିବ ।

୭. ଟେଣ୍ଡର ଧାରୀ ଟେଣ୍ଡର ଫର୍ମ ସହିତ ନିଜ ହସ୍ତାକ୍ଷର ଥିବା ବ୍ୟାଙ୍କ ପାସବୁକର ସମ୍ମୁଖ ପୃଷ୍ଠାର ଏକକିତା ନକଲ ଦାଖଲ କରିବେ ।

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

# ପାର୍କ ନିୟମାବଳୀ

୧. ଟେଣ୍ଡରଧାରୀ ପାର୍କ ସ୍ଥିତ କ୍ୟାଣ୍ଟିନ ରେ କଫି, ଚା, ଫ୍ରୁଟ ଜୁସ, ମ୍ୟାଗି, ପପକର୍ନ, ସୁଇଟ କର୍ନ ଇତ୍ୟାଦି ପାର୍କ ଭିତରେ ତିଆରି କରି ବିକ୍ରୀ କରିପାରିବେ ।

୨. ଟେଣ୍ଡରଧାରୀ ସିଙ୍ଗଡା, ବରା, ପ୍ୟାଟିସ, ସେଣ୍ଡ ଉଇଚ୍ ପରି ଟିଫିନ୍ ଖାଦ୍ୟ, ଆଇସ୍ କ୍ରିମ, ବେକେରୀ ଆଇଟମ ଗୁଡିକ କୁ ପାର୍କ ବାହାରେ ତିଆରି କରି ପାର୍କ ସ୍ଥିତ କ୍ୟାଣ୍ଟିନ କୁ ଆଣି ଭିତରେ ବିକ୍ରି କରି ପାରିବେ ।

୩. ଟେଣ୍ଡରଧାରୀ କୁରକୁରେ, ଲେଜ୍ ଭଳି ପଲିଥିନ ରେ ପ୍ୟାକିଙ୍ଗ୍ ହୋଇଥିବା ଖାଦ୍ୟ ସାମଗ୍ରୀ ପାର୍କ ଭିତରେ ବିକ୍ରି କରି ପାରିବେ ନାହିଁ ।

୪. ଟେଣ୍ଡରଧାରୀ Aquagard ଟିଏ ଲଗାଇ ଷ୍ଟିଲ ଅବା କାଚ ଗ୍ଲାସ ରେ ଗ୍ରାହକକୁ ଶୁଦ୍ଧ ପାଣି ଯୋଗାଇବେ, ପାଣି ପାଉଚ, ବଟଲ ପାର୍କ ଭିତରେ ବିକ୍ରି କରି ପାରିବେ ନାହିଁ ।

୫. ଟେଣ୍ଡରଧାରୀ ପେପର କପ ରେ ଚା କିମ୍ବା କଫି ବିକ୍ରି କରି ପାରିବେ ନାହିଁ କେବଳ କାଚ ଓ ମାଟି କପରେ ଚା, କଫି ବିକ୍ରି କରିପାରିବେ ।

୬. ଟେଣ୍ଡରଧାରୀ ଟିଫିନ ଖାଦ୍ୟ ଗୁଡିକ କୁ ଦନା ରେ ବିକ୍ରି କରି ପାରିବେ ନାହିଁ । ସର୍ବଦା ଟିଫିନ ଖାଦ୍ୟ ଗୁଡିକ ଫାଇବର/ଷ୍ଟିଲ ପ୍ଲେଟ ରେ ହିଁ ବିକ୍ରି କରିପାରିବେ ।

୭. ଟେଣ୍ଡରଧାରୀ ପାର୍କ ସ୍ଥିତ କ୍ୟାଣ୍ଟିନ ରେ ସିଗାରେଟ, ପାନ, ଗୁଟୁଖା, ମାଦକ ଦ୍ରବ୍ୟ ବିକ୍ରି କରି ପାରିବେ ନାହିଁ ।

୮. ଟେଣ୍ଡରଧାରୀ ସର୍ବଦା ଖାଦ୍ୟ ସାମଗ୍ରୀ ପାର୍କ ସ୍ଥିତ କ୍ୟାଣ୍ଟିନ ପରିସରରେ ହିଁ ଖାଇବା ପାଇଁ ଗ୍ରାହକ କୁ ଦେବେ । ଯେମିତି କେହି ଖାଇବା ସାମଗ୍ରୀ ପାର୍କ ର ଲନ୍ ଭିତରେ ଅଥବା ପାର୍କ ସ୍ଥିତ କ୍ୟାଣ୍ଟିନ ପରିସର ଛଡା ଅନ୍ୟ ଜାଗା କୁ ନେଇ ନ ଖାଇବ ତାହା ସୁନିଶ୍ଚିତ କରିବେ ।

୯. ଟେଣ୍ଡରଧାରୀ ସ୍ମାର୍ଟ ପାର୍କ ପାଇଁ ଥିବା କ୍ୟାଣ୍ଟିନର ସ୍ୱଚ୍ଛତା ଏବଂ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀ ର ମାନ ସୁବର୍ଣ୍ଣପୁର ପୌର ପରିଷଦ ଓ ଖାଦ୍ୟ ସୁରକ୍ଷା ଯାଂଚ ଅଧିକାରୀଙ୍କ ଦ୍ୱାରା ଯେକୌଣସି ସମୟରେ କରାଯାଇପାରିବ ।

ସର୍ବଦା ସ୍ମାର୍ଟ ପାର୍କର ନିୟମାବଳୀ ପାଳନ କରିବେ ଯଦି ସ୍ମାଟ ପାର୍କର ନିୟମାବଳୀକୁ ଅବମାନନା କଲେ ଅଥବା କ୍ୟାଣ୍ଟିନର ସ୍ୱଚ୍ଛତା ଏବଂ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀ ର ମାନ ଖରାପ ବାହାରେ ତାହେଲେ ୧ ମାସର ନୋଟିସ ଦେଇ ସୁବର୍ଣ୍ଣପୁର ପୌର ପରିଷଦ ଦ୍ୱାରା କ୍ୟାଣ୍ଟିନ କୁ ଖାଲି କରାଯିବ ।

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ